# ତହସିଲଦାର ଗଁଦିଆଙ୍କ କାର୍ଯ୍ୟାଳୟ

ସଂଖ୍ୟା ...4297..../ତାରିଖ..23.10.2020

## ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର

ଏତଦ୍ଵାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଗଁଦିଆ ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଖଦାନକୁ ଆସନ୍ତା ୫(ପାଞ୍ଚ) ବର୍ଷ ଅର୍ଥାତ୍ **(From the year 2020-21 to 2024-25)** ଆର୍ଥିକ ବର୍ଷ ନିମନ୍ତେ ଲିଜ୍ ପାଇଁ ନିମ୍ନସାରଣୀ ମୁତାବକ ତହସିଲଦାର, ଗଁଦିଆଙ୍କ ଦ୍ଵାରା ବନ୍ଦ ଲଫାପା ଟେଣ୍ଡର ମାଧ୍ୟମରେ ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ସବିଶେଷ ତଥ୍ୟ **OMMC Rules 2016, Form – M** ରେ ପୁରଣ କରି ଏହାର ତିନି କପି ସହ ନିମ୍ନ ଲିଖିତ ଦଲିଲ ସଂଲଗ୍ନ କରି **Sealed Cover** ରେ ତହସିଲଦାର, ଗଁଦିଆଙ୍କ ନାମେ ଆବେଦନ କରିବେ, ଯାହାକି ତା ୧୭.୧୧.୨୦୨୦ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ସମସ୍ତ ପ୍ରାପ୍ତହୋଇଥିବା ବନ୍ଦ ଲଫାପାଗୁଡ଼ିକ ତା ୧୮.୧୧.୨୦୨୦ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତ ଗୁଡିକ ତନଖି କରାଯିବ ଏବଂ ସର୍ବୋଚ୍ଚ ଦର ଧାର୍ଯ୍ୟ ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ । ଅସଂପୂର୍ଣ୍ଣ ଦରଖାସ୍ତଗୁଡ଼ିକ ଖାରଜ କରିଦିଆଯିବ । ତା ୧୮.୧୧.୨୦୨୦ ରେ ନିଲାମ ହୋଇ ନ ପାରିଲେ, ପୁନଶ୍ଚ ପରବର୍ତ୍ତୀ ତା ୨୪.୧୧.୨୦୨୦ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦରଖାସ୍ତ ଗ୍ରହଣ କରାଯିବ, ଯାହାକି ତା ୨୫.୧୧.୨୦୨୦ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତ ଗୁଡିକ ତନଖି କରାଯିବ ଏବଂ ସର୍ବୋଚ୍ଚ ଦର ଧାର୍ଯ୍ୟ ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ।ସେହିପରି ଯଦି ତା ୨୫.୧୧.୨୦୨୦ ରେ ନିଲାମ ହୋଇ ନ ପାରିଲେ, ପୁନଶ୍ଚ ପରବର୍ତ୍ତୀ ତା ୦୧.୧୨.୨୦୨୦ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦରଖାସ୍ତ ଗ୍ରହଣ କରାଯିବ, ଯାହାକି ତା ୦୨.୧୨.୨୦୨୦ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତ ଗୁଡିକ ତନଖି କରାଯିବ ଏବଂ ସର୍ବୋଚ୍ଚ ଦର ଧାର୍ଯ୍ୟ ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ।

୦୧. ଦରଖାସ୍ତ ଫି ସକାଶେ ଟ ୧୦୦୦.୦୦ (ଏକହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ **Head of Account- "0853-Non-ferrous Mining and Metallurgical Industries-102- Mineral Concession Fees, Rents and Royalties"** ରେ ଦାଖଲ କରି ଏହାର ପ୍ରତିଲିପି ପ୍ରଦାନ କରିବେ ।

୦୨. ଆବେଦନକାରୀ ଅମାନତ ରାଶି ସ୍ଵରୂପ ରୟଲଟି ଏବଂ **Additional charges fixed as per Annexure-I x MGQ** ର ବାର୍ଷିକ ୫% ଯାହାକି ଟ.୧,୦୮,୦୦୦.୦୦ ଡ଼ିମାଣ୍ଡ ଡ୍ରାଫ୍ଟ ତହସିଲଦାର ଗଁଦିଆ ସପକ୍ଷରେ ଥାଇ ବନ୍ଦ ଲଫାପାରେ ଦରଖାସ୍ତ ସହିତ ସଂଲଗ୍ନ କରିବା ଆବଶ୍ୟକ ଅଟେ ।

୦୩. ଆବେଦନ କରିଥିବା ଲିଜ୍ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା ।

୦୪. କୌଣସି ମାଇନିଙ୍ଗ ତଥା ରାଜସ୍ୱ ପାଉଣା ବାକି ନଥିବା ନେଇ ଏକ ସତ୍ୟପାଠ ।

୦୫. ଆବେଦନ ଜମି ଯଦି ରୟତି ହୋଇଥାଏ , ତେବେ ସେହି ଜମିର ମାଲିକଙ୍କ ସହମତି ।

୦୬. ଆବେଦନକାରୀ ସଂପୃକ୍ତ ଖଣିର ବାର୍ଷିକ ଉତ୍ତୋଳନ ହେବାକୁ ଥିବା ମୋଟ Minimum Guaranteed Quantity (MGQ) x (rate of royalty+ offered additional charges quoted by the applicant) ସମାନ ଅର୍ଥ ପରିମାଣର ସଲଭେନସି ସାର୍ଟିଫିକେଟ ଅଥବା Bank Guarantee ତହସିଲଦାର ଗଁଦିଆଙ୍କ ସପକ୍ଷରେ ଦାଖଲ କରିବା ସଙ୍ଗେ ସଙ୍ଗେ ଚଳିତ ବର୍ଷର IT Return ଦାଖଲ କରିବେ ।

୦୭. ଅନ୍ୟ ବିବରଣୀ ଯଥା, ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି ଏବଂ ନିଜ ପାଖରେ ଥିବା ଯନ୍ତ୍ରପାତିର ବିବରଣୀ ।

୦୮. ଚଳିତ ବର୍ଷର G.S.T Clearance ସାର୍ଟିଫିକେଟର ନକଲ ।

## ସର୍ତ୍ତାବଳୀ

୦୧. ଆବେଦନକାରୀ ମାନେ ଓଡ଼ିଶା ଲଘୁ ଖଣି ଦ୍ରବ୍ୟ ରିହାତି ଆଇନ ୨୦୧୬ ର ପରିସର ଭୁକ୍ତ ହେବେ ।

୦୨. ଲିଜ୍‌ଧାରୀ Mines Act 1952 ଓ Explosive Act 1984 ର ସମସ୍ତ ନିୟମ ଓ ନିୟମାବଳୀର ଅନ୍ତର୍ଭୁକ୍ତ ହେବେ ।

୦୩. ଲିଜ୍ ର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ Additional Charge ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ୍ ଦିଆଯିବ ।

୦୪. ସର୍ବୋଚ୍ଚ Additional Charge ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ୍ ନ ନେଲେ ତତ୍ପରବର୍ତ୍ତୀ ସର୍ବୋଚ୍ଚ ଆବେଦନକାରୀଙ୍କୁ ଲିଜ୍ ନେବାର ସୁଯୋଗ ଦିଆଯିବ କିମ୍ବା ଦୁଇ ଆବେଦନକାରୀଙ୍କ ଦର୍ଶାଯାଇଥିବା Additional Charge ର ମୂଲ୍ୟ ସମାନ ପରିଲିଖିତ ହୁଏ ତେବେ ତାହା ଧର୍ମଗୋଳା ମାଧ୍ୟମରେ (By draw of lots) ନିଲାମଧାରୀ ଚୟନ କରାଯିବ ।

୦୫. ଯଦି କୌଣସି ଦରଖାସ୍ତକାରୀ ଆବଶ୍ୟକୀୟ କାଗଜାତ ନଦେଇ କିମ୍ବା ପ୍ରଚଳିତ Additional Charge ଧାର୍ଯ୍ୟ ଦରଠାରୁ କମ୍ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀ ଙ୍କ **M** ଫର୍ମ ଖାରଜ କରିଦିଆଯିବ ତଥା ଅସମ୍ପୂର୍ଣ୍ଣ ଦରଖାସ୍ତ ଗ୍ରହଣଯୋଗ୍ୟ ହେବ ନାହିଁ ।

୦୬. ପ୍ରଚଳିତ ନିୟମ ଅନୁଯାୟୀ ଲିଜ୍‌ଧାରୀ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟ ପଇଠ କରିବା ପାଇଁ ବାଧ୍ୟ ହେବେ ।

୦୭. ସର୍ବୋଚ୍ଚ Additional Charge ଦାଖଲ ପାଇଁ ଆବେଦନ କରିଥିବା ବ୍ୟକ୍ତି ଲିଜ୍ ଗ୍ରହଣ ନକଲେ ତାଙ୍କର ଜମାରାଶି ବାଜ୍ୟାପ୍ତି କରାଯିବ ଓ ୨ୟ ସର୍ବୋଚ୍ଚ Additional Charge ଉଲେଖ କରିଥିବା ଆବେଦନକାରୀଙ୍କୁ ଲିଜ୍ , ଯଦି ବିଧିବ୍ୟବସ୍ଥା ଅନୁଯାୟୀ ଗ୍ରହଣ ଯୋଗ୍ୟ ହୁଏ ତାହାଲେ OMMC Rules,2016 ଅନୁଯାୟୀ ପଦକ୍ଷେପ ନିଆଯାଇପାରେ ।

୦୮. ଲିଜ୍ ମଞ୍ଜୁରୀପରେ ଲିଜ୍‌ଧାରୀ ମାଇନିଙ୍ଗ ପ୍ଲାନ ପ୍ରସ୍ତୁତି ପାଇଁ ଆବଶ୍ୟକ ଅର୍ଥ ଦାଖଲ କରିବେ । ଲିଜରାଶି + Additional Charge + DMFT ର ରାଶି ସହିତ ୨୫ % ଅମାନତ ଆକରରେ ଜମା କରିବେ ।

୦୯. ଲିଜ ଧାରି ଓଡିଶା ଲଘୁ ଖଣିଜ ଦ୍ରବ୍ୟ (ରିହାତି) ନିୟମାବଳୀ,୨୦୧୬ ରେ ଧାର୍ଯ୍ୟ ହୋଇଥିବା ସମସ୍ତ ପ୍ରକାର ଦେୟ ଯଥା ଅମାନତ ରାଶି, ରୟଲ୍‌ଟି, ଡେଡ୍ ରେଣ୍ଟ ସରଫେସ୍ ରେଣ୍ଟ, ଅତିରିକ୍ତ ଚାର୍ଜ୍, ଡି. ଏମ୍.ଏଫ୍, ଇ.ଏମ୍.ଏଫ୍ ଓ ଆୟକର ଆଦି ଦାଖଲ କରିବେ ।

୧୦. ଲିଜ ଅବଧି ମଧ୍ୟରେ ଲିଜଧାରୀ ଲିଜ ସମ୍ପର୍କୀୟ ସର୍ତ୍ତାବଳୀର ଉଲଙ୍ଘନ କଲେ ତାଙ୍କର ଲିଜ ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଜମାରାଶିକୁ ବାଜ୍ୟାପ୍ତି ହେବ ।

୧୧. ଜିଲ୍ଲାପାଳ ଉପଯୁକ୍ତ କାରଣ ଦର୍ଶାଇ ଲିଜକୁ ରଦ୍ଦ କରିବାର ସମସ୍ତ କ୍ଷମତା ରଖନ୍ତି ॥

୧୨. ତହସିଲ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟଦିବସରେ ଇଚ୍ଛୁକ ପ୍ରାର୍ଥୀ, M ଫର୍ମ, ଲିଜ ସର୍ତ୍ତାବଳୀ ତଥା ସୈରାତର ସମସ୍ତ ବିବରଣୀ ଅବଗତ ହୋଇ ପାରିବେ ।

୧୩. ଲିଜ୍‌ଧାରୀ ଲିଜ ପାଇବା ପରେ ସୈରାତ ପରିଚାଳନା ପାଇଁ OMMC Rules, 2016 ର ସମସ୍ତ ସର୍ତ୍ତାବଳୀକୁ ମାନିବାକୁ ବାଧ୍ୟ ହେବେ ।

୧୪. ସର୍ବୋଚ୍ଚ ନିଲାମଧାରୀ ଙ୍କୁ ତାଙ୍କ ସପକ୍ଷରେ ଖଣି ମଞ୍ଜୁର ହୋଇଥିବା ବିଷୟ ଫର୍ମ ନଂ F ରେ ସାତ ଦିନ ମଧ୍ୟରେ ଜଣାଇ ଦିଆଯିବ ।

୧୫. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ବାର୍ଷିକ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନର ପରିମାଣ ତଥା ଲିଜ୍‌ଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ରୟାଲଟି ଓ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରକୁ ଏକତ୍ର କରି ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ ତାହା ସହିତ ଅନ୍ୟାନ୍ୟ ସରକାରୀ ଦେୟ ଲିଜଧାରୀ (Environment Clearance) ଆଣି ସାରିଲା ପରେ ପୈଠ କରିବେ । ସମ୍ପୁର୍ଣ୍ଣ ରାଶି ପୈଠ ହେଲାପରେ ଲିଜ୍‌ଧାରୀ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତିପତ୍ର (Execution of Lease Deed) ସମ୍ପାଦନ କରିବେ ଏବଂ ଖଣି ପରିଚାଳନା ପାଇଁ Regional Officer State Pollution Control Board, Angul ଙ୍କ ଠାରୁ CTO ଆଣିବା ପାଇଁ ବାଧ୍ୟ ହେବେ ।

୧୬. ପରିବେଶ ମଞ୍ଜୁରି ପାଇଁ ଆବଶ୍ୟକ ଅର୍ଥ ଲିଜ୍‌ଧାରୀ ଦାଖଲ କରିବେ ।

୧୭. ଲିଜ୍ ଲାଗି ଆବେଦନ କରିବା ଇସ୍ତାହାରରେ ଦର୍ଶିତ ଲଘୁ ଖଣିଜ ଖାଦାନ ଗୁଡ଼ିକ ପୁର୍ବରୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ୍‌ରେ ଅଂଶ ଗ୍ରହଣ କରିବେ ।

୧୮. ଲିଜ୍ ଗ୍ରହଣ କରିସାରିଲା ପରେ ଲିଜ୍ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା ଏଥି ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୯. ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ।

୨୦. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶି କୁ ବାଜ୍ୟାପ୍ତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି ।

୨୧. ଲିଜ୍‌ଧାରୀ ସୈରାତ ଉପର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ଼ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉପର ନକ୍ସା, ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜ୍‌ଧାରୀ ବହନ କରିବେ ।

୨୨. ଲିଜ୍‌ଧାରୀ ନିଜ ଖର୍ଚ୍ଚରେ ଆଞ୍ଚଳିକ ଅଧିକାରୀ ପ୍ରଦୁଷଣ ବୋର୍ଡ, ଅନୁଗୁଳଙ୍କ ଠାରୁ CTO ପ୍ରାପ୍ତ ପରେ ଖଣି ପରିଚାଳନା ପାଇଁ ଯୋଗ୍ୟ ହେବେ

୨୩. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୁରଣ ହେଲାପରେ ଲିଜ୍‌ଧାରୀଙ୍କୁ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜ୍‌ଧାରୀ ସୈରାତ ଉପରୁ ଖଣିଜ ପଦାର୍ଥ ଉଠାଇ ପାରିବେ ନାହିଁ ।

୨୪. ଲିଜ୍ ସମ୍ବନ୍ଧୀୟ ସର୍ତ୍ତାବଳୀ ଗଁଦିଆ ତହସିଲ୍ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖି ପାରିବେ ।

୨୫. ସୈରାତ ଉପ୍ର ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତିତ) ସମସ୍ତ କାର୍ଯ୍ୟ ଦିବସରେ ତଉଜି ନାଭିସଙ୍କ ଠାରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୁର୍ଣ୍ଣ ସର୍ତ୍ତାବଳୀ **www.dhenkanal.nic.in** ରେ ଉପଲବ୍ଧ ହେବ ।

୨୬. ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷ ଙ୍କ ପାଖରେ ରହିଛି ।

୨୭. ଲିଜ ଗ୍ରହଣ କରିବାପାଇଁ ଦରଖାସ୍ତ ନିଲାମ ତାରିଖର ପୂର୍ବଦିନ ଯଥା ୧୭.୧୧.୨୦୨୦, ୨୪.୧୧.୨୦୨୦ ଓ ୦୧.୧୨.୨୦୨୦ ତାରିଖ ୫ ଘଟିକା ପର୍ଯ୍ୟନ୍ତ ଗ୍ରହଣ କରାଯିବ । ତା ପରେ ଆସିଥିବା ଦରଖାସ୍ତ ଗ୍ରହଣଯୋଗ୍ୟ ହେବନାହିଁ ।

୨୮. ଯଦି ଉକ୍ତ ଇସ୍ତାହାରରେ କୌଣସି ତୃଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

ତହସିଲଦାର, ଗଁଦିଆ

ସ୍ମାରକ ସଂଖ୍ୟା ୪୨୭୪ / ତାରିଖ ୨୩.୧୦.୨୦୨୦

ଏହାର ଏକକିତା ନକଲ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ, ଢେଙ୍କାନାଳ / ଗୋଷ୍ଠିଉନ୍ନୟନ ଅଧିକାରୀ ଗଁଦିଆ / ସମସ୍ତ ଗ୍ରାମପଞ୍ଚାୟତ/ ତହସିଲଦାର ଗଁଦିଆ ଓ ସମସ୍ତ ରାଜସ୍ୱ ନିରିକ୍ଷକ ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ / ସମ୍ପୃକ୍ତ ଗ୍ରାମର କୋଠ ଘର ଓ ସମ୍ପୃକ୍ତ ସୈରାତ ସ୍ଥଳୀରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଗଁଦିଆ

Annexure-I

## ସୈରାତର ବିବରଣୀ - ଗଁଦିଆ ତହସିଲ - ଆର୍ଥିକ ବର୍ଷ ୨୦୨୦-୨୦୨୧ ଠାରୁ ୨୦୨୪-୨୫ ପର୍ଯ୍ୟନ୍ତ

| କ୍ରମିକ ନଂ | କେଶ ନଂ | ଲଘୁ ଖଣିଜ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା (in Acre.) | ସର୍ବ ନିମ୍ନ ମୂଲ୍ୟ (per Cm) | ଅତିରିକ୍ତ ମୂଲ୍ୟ (Additional Charge per Cum) | ମୋଟ ଧାର୍ଯ୍ୟ ମୂଲ୍ୟ (Per Cum) | MGQ | ଅମାନତ ରାଶି (EMD) |
|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧ | ୦୫/ ୨୦୨୦-୨୧ | ଦଲାର ବାଲିଘାଟ | ଦଲାର | ୨୯୦ | ୩୭୩<br>୩୭୪ | ୮.୦୦<br>୪.୨୫ | ୩୫/- | ୫୫/- | ୯୦/- | ୨୪,୦୦୦ CuM ବାର୍ଷିକ | ୧,୦୮,୦୦୦/- |

ସ୍ୱା/-
ତହସିଲଦାର , ଗଁଦିଆ